# NATIONAL NEWS BULLETIN (ODIA)

## 23 March - 2025

## Morning Bulletin : 7.15 a.m.

*************************************

## ମୁଖ୍ୟ ସମ୍ବାଦ

- ହାଇକୋର୍ଟ ବିଚାରପତିଙ୍କ ବାସଭବନରୁ ଟଙ୍କା ଜବତ ଘଟଣାରେ ବିଳମ୍ବିତ ରାତିରେ ସମସ୍ତ ତଥ୍ୟ ଜାରି କଲେ ସୁପ୍ରିମକୋର୍ଟ ।
- ଲକ୍ଷ୍ନୌରେ ଆଜି ଫିଟ୍ ଇଣ୍ଡିଆ ସଣ୍ଡେ ସାଇକଲ ଚାଳନା ଅଭିଯାନର ଶୁଭାରମ୍ଭ କରିବେ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ।
- ସୀମା ନିର୍ଦ୍ଧାରଣ ପ୍ରସଙ୍ଗରେ ବିରୋଧୀ ଦଳର ବୈଠକକୁ ଭିତ୍ତିହୀନ ବୋଲି ଦର୍ଶାଇଲେ କେନ୍ଦ୍ର କୋଇଲା ଓ ଖଣିମନ୍ତ୍ରୀ ଜି. କିଷନ ରେଡ୍ଡୀ ।
- ଭାରତ ବିଶ୍ୱର ଏକ ଶକ୍ତିଶାଳୀ ଅର୍ଥନୀତିରେ ପରିଣତ ହେବାକୁ ଯାଉଛି - କହିଲେ ନୀତିଆୟୋଗ ଉପାଧ୍ୟକ୍ଷ ।

ଏବଂ

- ଆଇପିଏଲ୍‌ର ପ୍ରଥମ ମ୍ୟାଚ୍‌ରେ କୋଲକାତା ନାଇଟ୍ ରାଇଡର୍ସଙ୍କୁ ୭ ୱିକେଟ୍‌ରେ ପରାସ୍ତ କଲା ରୟାଲ ଚାଲେଞ୍ଜର୍ସ ବାଙ୍ଗାଲୋର ।

## ସିଜେଆଇ-୩ ମେମ୍ବର କମିଟି

ହାଇକୋର୍ଟ ବିଚାରପତି ଯଶୋବନ୍ତ ବର୍ମାଙ୍କ ବାସଭବନରୁ ନଗଦ ଟଙ୍କା ଜବତ ହେବା ନେଇ ବିଳମ୍ବିତ ରାତିରେ ସୁପ୍ରିମକୋର୍ଟ ତଦନ୍ତ ରିପୋର୍ଟ ସମେତ ସମସ୍ତ ଫଟୋ ଓ ଭିଡ଼ିଓ ଜାରି କରିଛନ୍ତି । ଏହି ଘଟଣାରେ ଜଷ୍ଟିସ ବର୍ମାଙ୍କ ପ୍ରତିକ୍ରିୟା ମଧ୍ୟ ସୁପ୍ରିମକୋର୍ଟ ପ୍ରକାଶ କରିଛନ୍ତି । ଜଷ୍ଟିସ ବର୍ମା ତାଙ୍କ ପ୍ରତିକ୍ରିୟାରେ ଏହି ଅଭିଯୋଗକୁ ଖଣ୍ଡନ କରିବା ସହ ଯେଉଁ କୋଠରୀରେ ଅଗ୍ନିକାଣ୍ଡ ଘଟିଥିବା ଏବଂ ନଗଦ ଟଙ୍କା ମିଳିଥିଲା ତାହା ତାଙ୍କ ବାସଭବନର ବାହାରେ ଥିଲା ଏବଂ ସେଥିରେ ବିଚାରପତି ଓ ତାଙ୍କ ପରିବାର ରହୁନଥିଲେ । ତଦନ୍ତ ରିପୋର୍ଟ ଅନୁଯାୟୀ ଜଷ୍ଟିସ ବର୍ମା କହିଛନ୍ତି ସେ କିମ୍ବା ତାଙ୍କ ପରିବାରର କୌଣସି ସଦସ୍ୟ ଟଙ୍କା ମିଳିଥିବା ଘର ବ୍ୟବହାର କରୁନଥିଲେ କିମ୍ବା ଟଙ୍କା ରଖୁନଥିଲେ । ଜବତ ହୋଇଥିବା ଟଙ୍କା ତାଙ୍କର କୁହାଯାଉଥିବା ଘଟଣାକୁ ସେ ନିନ୍ଦା କରିଛନ୍ତି ।

ଦିଲ୍ଲୀ ହାଇକୋର୍ଟର ମୁଖ୍ୟବିଚାରପତି ଜଷ୍ଟିସ ଡି.କେ. ଉପାଧ୍ୟାୟ ଦାଖଲ କରିଥିବା ରିପୋର୍ଟରେ କୁହାଯାଇଛି ଅଗ୍ନିକାଣ୍ଡ ସମୟରେ ସେହି କୋଠରୀରୁ ୪ରୁ ୫ଟି ଅଧାଜଳା ଟଙ୍କା ବିଡ଼ା ଉଦ୍ଧାର କରାଯାଇଥିଲା । ୨୫ ପୃଷ୍ଠା ସମ୍ବଳିତ ତଦନ୍ତ ରିପୋର୍ଟରେ ହୋଲିପାଳନ ହୋଇଥିବା ରାତିରେ ଅଗ୍ନିଶମ ବିଭାଗ ଦ୍ୱାରା ହୋଇଥିବା ଭିଡ଼ିଓ ଏବଂ ଫଟୋଗୁଡ଼ିକ

ମଧ୍ୟ ଦାଖଲ କରାଯାଇଛି । ପ୍ରଧାନ ବିଚାରପତି ଜଷ୍ଟିସ ସଞ୍ଜିବ ଖାନ୍ନା, ଜଷ୍ଟିସ ବର୍ମାଙ୍କ ବିରୁଦ୍ଧରେ ଅଭିଯୋଗର ତଦନ୍ତ ପାଇଁ ୩ ଜଣିଆ ଆଭ୍ୟନ୍ତରୀଣ କମିଟି ଗଠନ କରିସାରିଛନ୍ତି । ଏହି କମିଟିରେ ପଞ୍ଜାବ ଓ ହରିୟାଣା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ସିଲ୍ ନାଗୁ, ହିମାଚଳପ୍ରଦେଶ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ଜି.ଏସ୍.ସାନ୍ଧାୱାଲିଆ ଏବଂ କର୍ଣ୍ଣାଟକ ହାଇକୋର୍ଟର ବିଚାରପତି ଜଷ୍ଟିସ ଅନୁ ଶିବରମଣ ରହିଛନ୍ତି ।

ଇତିମଧ୍ୟରେ ଏହି ଘଟଣା ତଦନ୍ତାଧୀନ ଥିବାବେଳେ ଜଷ୍ଟିସ ବର୍ମାଙ୍କୁ କୌଣସି ନ୍ୟାୟିକ କାର୍ଯ୍ୟ ନଦେବାକୁ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଦିଲ୍ଲୀ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ଗଣମାଧ୍ୟମରେ ପ୍ରକାଶିତ ଖବର ଅନୁଯାୟୀ ଜଷ୍ଟିସ ବର୍ମାଙ୍କ ଘରେ ଅଗ୍ନିକାଣ୍ଡ ସମୟରେ ନଗଦ ଟଙ୍କା ମିଳିଥିବା ଜଣାପଡିଥିଲା । ସୁପ୍ରିମକୋର୍ଟ କଲେଜିୟମ ଏହି ଘଟଣାରେ ଜଷ୍ଟିସ ବର୍ମାଙ୍କୁ ଆହ୍ଲାବାଦ ହାଇକୋର୍ଟକୁ ବଦଳି କରିଥିଲେ । ଗତ ଶୁକ୍ରବାର ଅନୁଷ୍ଠିତ ଏକ ସ୍ୱତନ୍ତ୍ର ବୈଠକରେ ଜଷ୍ଟିସ ବର୍ମାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଥିଲା । ତେବେ ଜଷ୍ଟିସ ବର୍ମାଙ୍କ ଆହ୍ଲାବାଦ ହାଇକୋର୍ଟକୁ ବଦଳିକୁ ଏପର୍ଯ୍ୟନ୍ତ ସରକାରଙ୍କ ପକ୍ଷରୁ ମଞ୍ଜୁରୀ ମିଳିନାହିଁ ।

# ମାଣ୍ଡବ୍ୟ ଫିଟ୍ ଇଣ୍ଡିଆ

କେନ୍ଦ୍ର ଯୁବବ୍ୟାପାର, କ୍ରୀଡ଼ା ଏବଂ ଶ୍ରମ ଓ ନିଯୁକ୍ତି ମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଫିଟ୍ ଇଣ୍ଡିଆ ସଣ୍ଡେ ଅଧୀନରେ ଆଜି ଲକ୍ଷ୍ନୌରୁ ସାଇକଲ ଚାଳନର ଶୁଭାରମ୍ଭ କରିବେ । କେନ୍ଦ୍ରମନ୍ତ୍ରୀଙ୍କ ସହ ଉତ୍ତରପ୍ରଦେଶ ରାଜ୍ୟପାଳ ଆନନ୍ଦିବେନ୍ ପଟେଲ ଏବଂ ଉତ୍ତରପ୍ରଦେଶ କ୍ରୀଡ଼ାମନ୍ତ୍ରୀ ଗିରିଶ ଚନ୍ଦ୍ର ଯାଦବ ଉପସ୍ଥିତ ରହିବେ । ଏସୀୟ କ୍ରୀଡ଼ା ପଦକ ବିଜେତା ତଥା ଜାଭେଲିନ୍ ଥ୍ରୋୟର କିଶୋର ଜେନା ମୁମ୍ବାଇର ସମୁଦ୍ର ବେଳାଭୂମିରେ ସାଇକଲ ଚାଳନା ଅଭିଯାନରେ ଅଂଶଗ୍ରହଣ କରିବେ । ନୂଆଦିଲ୍ଲୀରେ ଏହି ଅଭିଯାନରେ ଫିଜିକାଲ ଏଜୁକେଶନ ଫାଉଣ୍ଡେସନ ଅଫ୍ ଇଣ୍ଡିଆର ସଦସ୍ୟମାନେ ଉପସ୍ଥିତ ରହିବେ ।

ବର୍ତ୍ତମାନ ସୁଦ୍ଧା ଦେଶବ୍ୟାପୀ ୪ହଜାର ୨୦୦ଟି ସ୍ଥାନରେ ସାଇକଲ ଚାଳନା ଅଭିଯାନ ଆୟୋଜନ କରାଯାଇଛି । ଯେଉଁଥିରେ ୨ଲକ୍ଷରୁ ଅଧିକ ଲୋକ ଅଂଶଗ୍ରହଣ କରିଛନ୍ତି । ଏହି ଅଭିଯାନ ମାଧ୍ୟମରେ ସାରା ଦେଶରେ ବାୟୁ ପ୍ରଦୂଷଣ ସ୍ତରକୁ ହ୍ରାସ କରିବା ଲାଗି ଜନସାଧାରଣଙ୍କୁ ସଚେତନ କରାଯାଉଛି । ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଏହି ଅଭିଯାନରେ ବିଭିନ୍ନ ବର୍ଗର ଲୋକମାନେ ଭାଗ ନେଉଛନ୍ତି । କେନ୍ଦ୍ର ଯୁବବ୍ୟାପାର ଓ

କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ଫିଟ୍ ଇଣ୍ଡିଆ ସଣ୍ଡେ ସାଇକଲ ଚାଳନା ଅଭିଯାନ ଆୟୋଜିତ ହେଉଛି ।

## ଡି ଲିମିଟେସନ କିଶନ ରେଡ୍ଡୀ

କେନ୍ଦ୍ର କୋଇଲା ଓ ଖଣିମନ୍ତ୍ରୀ ତଥା ତେଲେଙ୍ଗାନା ରାଜ୍ୟ ବିଜେପି ସଭାପତି ଜି. କିଶନ ରେଡ୍ଡୀ ସୀମା ନିର୍ଦ୍ଧାରଣ ପ୍ରସଙ୍ଗରେ ଚେନ୍ନାଇରେ ଅନୁଷ୍ଠିତ ବିରୋଧୀ ଦଳଗୁଡ଼ିକର ବୈଠକକୁ ଭିତ୍ତିହୀନ ବୋଲି ଦର୍ଶାଇଛନ୍ତି । ସେ କହିଛନ୍ତି, କେନ୍ଦ୍ର ସରକାର ପୂର୍ବରୁ ସ୍ପଷ୍ଟ କରିଛନ୍ତି ଯେ ସୀମା ନିର୍ଦ୍ଧାରଣ ପାଇଁ ପ୍ରକ୍ରିୟା ଏବଂ ନିୟମ ଏପର୍ଯ୍ୟନ୍ତ ଚୂଡାନ୍ତ ହୋଇନାହିଁ । ଦୁର୍ନୀତିରୁ ଧ୍ୟାନ ହଟାଇବା ପାଇଁ ବିରୋଧି ଦଳ ଗୁଡ଼ିକ ବିଜେପି ସମ୍ପର୍କରେ ଭୁଲ ତଥ୍ୟ ପ୍ରଚାର କରୁଛନ୍ତି ବୋଲି ଶ୍ରୀ ରେଡ୍ଡୀ ଅଭିଯୋଗ କରିଛନ୍ତି ।

ବିରୋଧୀଦଳ ଗୁଡ଼ିକ ରାଜନୈତିକ ଲାଭ ପାଇଁ ଉତ୍ତର ଓ ଦକ୍ଷିଣ ପ୍ରସଙ୍ଗ ସୃଷ୍ଟି କରି ବିଭାଜନ ରାଜନୀତି କରୁଛନ୍ତି ବୋଲି ସେ କହିଛନ୍ତି । ସୂଚନାଯୋଗ୍ୟ ସୀମା ନିର୍ଦ୍ଧାରଣ ପ୍ରସଙ୍ଗକୁ ବିରୋଧ କରି ଗତକାଲି ଚେନ୍ନାଇରେ ବିରୋଧୀଦଳଗୁଡ଼ିକ ପକ୍ଷରୁ ଯୁଗ୍ମ କ୍ରିୟାନୁଷ୍ଠାନ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା । ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ.କେ.ଷ୍ଟାଲିନ

ଏହି ବୈଠକରେ ଅଧ୍ୟକ୍ଷତା କରିଥିବାବେଳେ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗବନ୍ତ ସିଂହ ମାନ୍, କେରଳ ମୁଖ୍ୟମନ୍ତ୍ରୀ ପିନାରାଇ ବିଜୟନ, ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ ଏବଂ କର୍ଣ୍ଣାଟକ ଉପମୁଖ୍ୟମନ୍ତ୍ରୀ ଡି. କେ. ଶିବକୁମାର ଯୋଗ ଦେଇଥିଲେ ।

## ନୀତି ଆୟୋଗ

ନୀତିଆୟୋଗ ଉପାଧ୍ୟକ୍ଷ ସୁମନ ବେରୀ କହିଛନ୍ତି ଭାରତ ଏହାର ବିକାଶଧାରାକୁ ନୂଆ ରୂପ ଦେଉଛି ଏବଂ ବିଶ୍ୱର ଏକ ଶକ୍ତିଶାଳୀ ଅର୍ଥନୀତିରେ ପରିଣତ ହେବାକୁ ଯାଉଛି । ନୂଆଦିଲ୍ଲୀରେ ଆୟୋଜିତ ୩୧ତମ ଲାଲବାହାଦୁର ଶାସ୍ତ୍ରୀ ସ୍ମୃତି ସମ୍ଭାଷଣ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ବେରୀ ପ୍ରତିଯୋଗିତାମୂଳକ ଏବଂ ସହଯୋଗ ସମ୍ପନ୍ନ ସଂଘବାଦ ଉପରେ ଆଲୋଚନା କରିଥିଲେ ।

ନୀତି ଆୟୋଗର ଭୂମିକା ଉପରେ ଶ୍ରୀ ବେରୀ କହିଛନ୍ତି ନୀତି ନିର୍ଦ୍ଧାରଣ କ୍ଷେତ୍ରରେ ରାଜ୍ୟଗୁଡ଼ିକର ସାମାଜିକ ଓ ଅର୍ଥନୈତିକ ବିକାଶକୁ କେନ୍ଦ୍ର କରି କର୍ମଶାଳା ଆୟୋଜନ କରାଯାଉଛି । ଇତିମଧ୍ୟରେ ବିଭିନ୍ନ ରାଜ୍ୟରେ ନୀତି ଆୟୋଗ ସହଯୋଗରେ ମତ୍ସ୍ୟଚାଷ, ସୀମାସୁରକ୍ଷା ଏବଂ କୃତ୍ରିମ ବୁଦ୍ଧିମତା

ଉପରେ ୩୦ରୁ ଅଧିକ କର୍ମଶାଳା ଆୟୋଜିତ ହୋଇଯାଇଛି । ସେ କହିଛନ୍ତି ରାଜ୍ୟଗୁଡ଼ିକ ଦେଶର ବିକାଶ ନିମନ୍ତେ ବିଭିନ୍ନ ଯୋଜନା ଗୁଡ଼ିକର ସଠିକ୍ କାର୍ଯ୍ୟକାରୀତା ନେଇ ଅଧିକ କ୍ରିୟାଶୀଳ ହେବାର ଆବଶ୍ୟକତା ରହିଛି ।

## ଓନିୟନ ଏକ୍ସପୋର୍ଟ

କେନ୍ଦ୍ର ସରକାର ଆସନ୍ତା ଏପ୍ରିଲ ପହିଲାରୁ ପିଆଜ ରପ୍ତାନୀ ଉପରେ ୨୦ ପ୍ରତିଶତ ଶୁଳ୍କ ପ୍ରତ୍ୟାହାର କରିବେ । କେନ୍ଦ୍ର ଖାଉଟୀ ବ୍ୟାପାର ଓ ସାଧାରଣ ବଣ୍ଟନ ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଏହି ଶୁଳ୍କ ପ୍ରତ୍ୟାହାର ଯୋଗୁଁ କୃଷକମାନେ ଲାଭବାନ ହେବେ ଏବଂ ପିଆଜ ଉପଲବ୍ଧତାରେ କୌଣସି ଅସୁବିଧା ସୃଷ୍ଟି ହେବ ନାହିଁ । ରବି ଫସଲ ଉତ୍ପାଦନ ବୃଦ୍ଧି ପାଇଥିବାରୁ ଉଭୟ ମଣ୍ଡି ଏବଂ ଖୁଚୁରା ଦର ହ୍ରାସ ପାଉଛି । ଆକଳନ ଅନୁଯାୟୀ ରବି ଋତୁରେ ପିଆଜ ଉତ୍ପାଦନ ବୃଦ୍ଧି ପାଇବାର ସମ୍ଭାବନା ଥିବାରୁ ଆଗାମୀ ଦିନରେ ବଜାର ଦର ଆହୁରି ହ୍ରାସ ପାଇବ ବୋଲି ଆଶା କରାଯାଉଛି । ଘରୋଇ ଉପଲବ୍ଧତା ସୁନିଶ୍ଚିତ

କରିବା ପାଇଁ କେନ୍ଦ୍ର ସରକାର ଗତବର୍ଷ ସେପ୍ଟେମ୍ବର ୧୩ ତାରିଖରୁ ପିଆଜ ରପ୍ତାନୀ ଉପରେ ୨୦ ପ୍ରତିଶତ ଶୁଳ୍କ ଲାଗୁ କରିଥିଲେ ।

# ଏନ୍‌ଟିଏ-ସିୟୁଇଟି

ଜାତୀୟ ପରୀକ୍ଷଣ ସଂସ୍ଥା ଏନ୍‌ଟିଏ ଏକକ ବିଶ୍ୱବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ୟୁଜି ୨୦୨୫ନିମନ୍ତେ ଅନ୍‌ଲାଇନ୍ ଆବେଦନ ଫର୍ମ ଦାଖଲ ସମୟସୀମାକୁ ଆସନ୍ତାକାଲି ପର୍ଯ୍ୟନ୍ତ ବୃଦ୍ଧି କିରଛି । ଏକ ପ୍ରେସ୍ ବିଜ୍ଞପ୍ତରେ ଏହି ବିଷୟ ଘୋଷଣା କରାଯାଇଛି । ବିଜ୍ଞପ୍ତି ଅନୁଯାୟୀ ପରୀକ୍ଷା ଦେୟ ଦାଖଲ କରିବା ସମୟସୀମାକୁ ମାର୍ଚ୍ଚ ୨୫ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଆବେଦନକାରୀମାନେ ମାର୍ଚ୍ଚ ୨୬ରୁ ୨୮ତାରିଖ ପର୍ଯ୍ୟନ୍ତ ଆବେଦନ ପତ୍ରରେ ସଂଶୋଧନ କରିପାରିବେ ।

ସୂଚନା ଅନୁଯାୟୀ ଏହି ପ୍ରବେଶିକା ପରୀକ୍ଷା ଚଳିତବର୍ଷ ମେ’ ୮ ତାରିଖରୁ ଜୁନ୍ ୧ ତାରିଖ ମଧ୍ୟରେ ଦେଶର ବିଭିନ୍ନ କେନ୍ଦ୍ର ଏବଂ ବିଦେଶର ୧୫ଟି ପରୀକ୍ଷା କେନ୍ଦ୍ରରେ କମ୍ପ୍ୟୁଟର ଭିତ୍ତିରେ କରାଯିବ । ଏଥିରେ ଚୟନ ହୋଇଥିବା ଛାତ୍ରଛାତ୍ରୀମାନେ ଦେଶର ଯେକୌଣସି କେନ୍ଦ୍ରୀୟ

ବିଶ୍ୱବିଦ୍ୟାଳୟ କିମ୍ବା ରାଜ୍ୟର ନିର୍ଦ୍ଧାରିତ ବିଶ୍ୱବିଦ୍ୟାଳୟ, ଡିମ୍ଡ ଓ ବେସରକାରୀ ବିଶ୍ୱବିଦ୍ୟାଳୟରେ ନାମ ଲେଖାଇପାରିବେ ।

## ପଞ୍ଜାବ-ମାର୍ଟିୟାର ଡେ

ଭାରତୀୟ ସ୍ୱାଧୀନତା ସଂଗ୍ରାମର ୩ଜଣ ବିପ୍ଳବୀ ସହିଦ ଭଗତ ସିଂହ, ଶିବରାମ ରାଜଗୁରୁ ଓ ସୁଖଦେବ ଥାପ୍ପରଙ୍କୁ ଦେଶ ଆଜି ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି । ଏହି ବୀର ଜବାନମାନଙ୍କୁ ବ୍ରିଟିଶ ସରକାର ୧୯୩୧ ମସିହା ଆଜିର ଦିନରେ ଲାହୋରର କେନ୍ଦ୍ରୀୟ ଜେଲ୍‌ରେ ଫାଶୀ ଦେଇଥିଲେ । ୧୯୨୮ ମସିହା ଡିସେମ୍ବର ୧୭ ତାରିଖରେ ଲାହୋରରେ ବ୍ରିଟିଶ ପୋଲିସ ଅଧିକାରୀ ଜେ.ପି.ସାଣ୍ଡର୍ସଙ୍କୁ ହତ୍ୟା ଅଭିଯୋଗରେ ଏହି ୩ଜଣ ସ୍ୱାଧୀନତା ସଂଗ୍ରାମୀଙ୍କୁ ମୃତ୍ୟୁ ଦଣ୍ଡାଦେଶ ଦିଆଯାଇଥିଲା ।

ନିର୍ଦ୍ଧାରିତ ତାରିଖର ଗୋଟିଏ ଦିନ ପୂର୍ବରୁ ସେମାନଙ୍କୁ ଫାଶୀ ଦେବାପରେ ଇଂରେଜମାନେ ସେମାନଙ୍କ ମୃତଦେହକୁ ଫିରୋଜପୁରର ହୁସେନିୱାଲଠାରେ ସତଲେଜ ନଦୀକୂଳକୁ ଅନ୍ତିମ ସଂସ୍କାର ପାଇଁ ଆଣିଥିଲେ । ସେଠାରେ ଜନସାଧାରଣ ବିପ୍ଳବୀ ସହିଦମାନଙ୍କୁ ଶ୍ରଦ୍ଧାସୁମନ

ଅର୍ପଣ କରୁଛନ୍ତି । ଫିରୋଜପୁର ରେଳ ଡିଭିଜନ ପକ୍ଷରୁ ଆଜି ୬ ଯୋଡ଼ା ସ୍ୱତନ୍ତ୍ର  ଟ୍ରେନ୍ ଚଳାଚଳ ଆରମ୍ଭ କରାଯାଇଛି ।

## ଆଇପିଏଲ୍

ଆଇପିଏଲ୍‌ର ଅଷ୍ଟାଦଶ ସଂସ୍କରଣର ଗତକାଲି ପ୍ରଥମ ମ୍ୟାଚ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୭ ୱିକେଟ୍‌ରେ କୋଲକାତା ନାଇଟ୍ ରାଇଡର୍ସଙ୍କୁ ପରାସ୍ତ କରିଛି । କୋଲକାତାର ଇଡେନ୍ ଗାର୍ଡେନ୍‌ରେ ଅନୁଷ୍ଠିତ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି କୋଲକାତା ନାଇଟ ରାଇଡର୍ସ ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ୍ ବିନିମୟରେ ୧୭୪ରନ୍ କରିଥିଲା । ଆଜିଙ୍କ୍ୟ ରାହାଣେ ୫୬ ଏବଂ ସୁନୀଲ ନାରିନ୍ ୪୪ରନ୍ ସ୍କୋର କରିଥିବାବେଳେ କ୍ରୁନାଲ ପାଣ୍ଡ୍ୟା ୩ଟି ୱିକେଟ୍ ଅକ୍ତିଆର କରିଥିଲେ । ଏହାର ଜବାବରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୧୬ ଓଭର ୨ଟି ବଲ୍‌ରେ ୩ ୱିକେଟ୍ ବିନିମୟରେ ୧୭୭ରନ୍ ରନ୍ ସ୍କୋର କରିଥିଲା । ଫିଲ୍ ସଲ୍ଟ ୫୬ ରନ୍ କରିଥିବାବେଳେ ବିରାଟ କୋହଲି ଅପରାଜିତ ଅଣଷଠି ରନ୍ ସ୍କୋର କରିଥିଲେ ।

ଆଜି ଆଇପିଏଲ୍‌ରେ ଦୁଇଟି ମ୍ୟାଚ୍ ଖେଳାଯିବ । ଅପରାହ୍ଣ ୩ଟା ୩୦ରେ ହାଇଦ୍ରାବାଦରେ ସନ୍ ରାଇଜର୍ସ ହାଇଦ୍ରାବାଦ ଓ ରାଜସ୍ଥାନ ରୟାଲ୍ସ

ମଧ୍ୟରେ ଏବଂ ସଂଧ୍ୟା ୭ଟା ୩୦ମିନିଟ୍‌ରେ ଚେନ୍ନାଇରେ ଚେନ୍ନାଇ ସୁପର କିଙ୍ଗ୍‌ସ ଓ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ମୁକାବିଲା ହେବ ।